بسم الله الرحمٰن الرحيم

ଖୁତବା ଜୁମା ୨୨ ମାର୍ଚ୍ଚ ୨୦୧୯ର ସାରାଂଶ
ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍, ମର୍ଡନ୍ ଲଣ୍ଡନ (ବ୍ରିଟେନ୍)

# ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦରୀ ସାହାବାମାନଙ୍କର ବିଶ୍ୱାସବର୍ଦ୍ଧକ, ହୃଦୟଦ୍ରାବୀ ଓ ମନୁସ୍ପକର ଚର୍ଚ୍ଚା ।

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜୁର ଅନଓ୍ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : କାଲି ହେଉଛି ୨୩ ମାର୍ଚ୍ଚ ଏବଂ ଏହି ଦିନ ଜମାଅତରେ ମସିହ୍ ମଉଦ୍ ଅ.ସ ଦିବସ ରୂପେ ପାଳନ କରଯାଇଥାଏ । ହଜ଼ରତ୍ ମିର୍ଜା ଗୁଲାମ୍ ଅହମଦ୍ କ଼ାଦିୟାନି ମସିହ୍ ମଉଦ୍ ଅ.ସ ଏହି ଘୋଷଣା କରିଥିଲେ ଯେ, ମୁଁ ହିଁ ସେହି ମସିହ୍ ମଉଦ୍ ଅ.ସ ଅର୍ଥାତ୍ ପ୍ରତିଶୃତ ମସିହ୍ ଅଟେ ଯାହାଙ୍କ ଆଗମନ ଏବଂ ଆବିର୍ଭାବ ସଂପର୍କରେ ଆଁହଜ଼ରତ୍ ସ.ଅ ଭବିଷ୍ୟବାଣୀ କରିଥିଲେ ଏବଂ ହଜ଼ରତ୍ ମସିହ୍ ମଉଦ୍ ଅ.ସ କିପରି ଭାବେ ବୈଅତ୍ (ଦୀକ୍ଷା ଗ୍ରହଣ)ର ଶୁଭାରମ୍ଭ କରିଥିଲେ । ବର୍ତ୍ତମାନ ମୁଁ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କର କେତେକ ଆଦେଶ ଓ କଥନ ଆପଣଙ୍କ ସମ୍ମୁଖରେ ଉପସ୍ଥାପିତ କରିବି ଯହିଁରେ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ଆଗମନର ଆବଶ୍ୟକତା, ଯୁଗର ପରିସ୍ଥିତି ଏବଂ ତାଙ୍କର ଦାବି ସଂପର୍କିତ ଭବିଷ୍ୟବାଣୀ ସଂପର୍କରେ ଆଲୋକପାତ କରିବି ।

ଯୁଗ ଏହା ଆବଶ୍ୟକ କରୁଥିଲା ଯେ, କେହି ଜଣେ ସଂସ୍କାରକ ଆସୁ । ଯିଏକି ଇସଲାମର ଜଳଚ୍ୟୁତ ଡଙ୍ଗାକୁ ସଠିକ୍ ଦିଗରେ ନିୟନ୍ତ୍ରିତ କରୁ । କିନ୍ତୁ ଦୁର୍ଭାଗ୍ୟବଶତଃ ଯେଉଁମାନେ ପ୍ରଥମେ ସେହି ମସିହ୍ ମଉଦ୍ ଅ.ସଙ୍କୁ ଅପେକ୍ଷା କରିଥିଲେ ସେହି ମୁସଲମାନ ମନିଷୀମାନଙ୍କ ମଧ୍ୟରୁ ବହୁସଂଖ୍ୟକ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ଦାବି ପରେ ତାଙ୍କୁ ବିରୋଧ କଲେ ଏବଂ ସାଧାରଣ ମୁସଲମାନମାନଙ୍କୁ ମିଥ୍ୟା କାହାଣୀ ଶୁଣାଇ ହଜ଼ରତ୍ ମସହିଦ୍ ମଉଦ୍ ଅ.ସ ଏବଂ ତାଙ୍କର ଜମାଅତ୍ ବିରୁଦ୍ଧରେ ଏଭଳି ଅପପ୍ରଚାର, କଲେ ଯେ, ଯାହାଫଳରେ କି ସେହି ନାମ ମାତ୍ର ଧର୍ମ ଗୁରୁ ବା ପୁରୋହିତମାନେ ଅହମଦିମାନଙ୍କ ବିରୁଦ୍ଧରେ ଧର୍ମାଜ୍ଞାମୂଳକ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଲେ । ଆଜି ପର୍ଯ୍ୟନ୍ତ ଅହମଦିମାନଙ୍କ ଉପରେ କେତେକ ସ୍ଥାନରେ ଇସଲାମ୍ ନାମରେ ଅତ୍ୟାଚାର, ବର୍ବରତା ଏବଂ ଜନସଂହାର ଭଳି ଏଭଳି ଭୟାବହ ଓ ଆମାନୁଷିକ ଉଦାହରଣ ସୃଷ୍ଟି କରାଯାଉଛି । ଇସଲାମ୍ ଧର୍ମର ବାସ୍ତବତା ସମ୍ପର୍କରେଅବଗତ ଥିବା ଅବଗତକାରୀମାନେ ଏପରି କେବେ ହେଲେ ଭାବିପାରିବେ ନାହିଁ ଏବଂ ସେମାନେ କଦାପି ଏପରି ଦୁଷ୍କୃତ୍ୟମୂଳକ ଆଚରଣ ପ୍ରଦର୍ଶନ କରିବେ ନାହିଁ । ଏହି କଥାକୁ ବର୍ଣ୍ଣନା କରି ଯେ, ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ଆସିବାର କାହିଁକି ଆବଶ୍ୟକତା ରହିଛି ଏବଂ ମସିହ୍ ମଉଦ୍ ଅ.ସଙ୍କ ଏହି କଳି ଯୁଗର କ'ଣ ବିଶେଷତା ରହିଛି ? ହୁଜୁର୍ ଅନଓ୍ୱର୍ ଅ.ବ ବର୍ଣ୍ଣନା କରନ୍ତି ଯେ,କୁରଆନ୍ ଶରୀଫରେ ଇସ୍ରାଇଲି ଏବଂ ଇସମାଇଲି ନାମକ ଦୁଇଟି ଗୋଷ୍ଠୀରେ ଖିଲଫତର ସାଦୃଶ୍ୟତା ସଂପର୍କରେ ସୁସ୍ପଷ୍ଟ ଭାବେ ଇଙ୍ଗିତ ହୋଇଅଛି ଯେପରିକି ଏହି ଆୟତରୁ ସ୍ପଷ୍ଟ ଯେ, **ୱାଆଦଲ୍ଲାଃହୁଲ୍ ଲଜ଼ିନା ଆମନୁ ମିନ୍ କୁମ୍ ୱ ଅମିଲୁସ୍ ସାଲିହାତି ଲୟସ୍ତଖ୍ ଲିଫନ୍ନହୁମ୍ ଫିଲ୍ ଅର୍ଜେ କମସ୍ ତଖ୍-ଲଫଲ୍ ଲଜ଼ିନା ମିନ୍ କ଼ବ୍-ଲିହିମ୍ (ସୁରେ ନୁର୍ : ୫୬)** ଅର୍ଥାତ୍ ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ କରୁଛନ୍ତି ଓ ଉଚିତ୍ କର୍ମ କରୁଛନ୍ତି ସେମାନଙ୍କ ସହିତ ଅଲ୍ଲାଃ ଅଙ୍ଗୀକାର କରିଛନ୍ତି ଯେ, ସେମାନଙ୍କୁ ଭୂପୃଷ୍ଠରେ ଖଲିଫା କରିବେ । ଯେପରି ସେ ସେମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ । ହୁଜୁର୍ ଅନଓ୍ୱର୍ ଅ.ବ କହିଲେ ଯେ, ଇସ୍ରାଇଲି ଗୋଷ୍ଠୀ ବା ସଂପ୍ରଦାୟର ଶେଷ ଖଲିଫା (ଉତ୍ତରାଧିକାରୀ) ଯିଏକି ଚତୁର୍ଦ୍ଦଶ ଶତାବ୍ଦୀ ପରେ ହଜ଼ରତ୍ ମୁସା ଅ.ସଙ୍କ ପରେ ଆସିଥିଲା ସେ ହଜ଼ରତ୍ ମସିହ୍ ନାସରୀ ଅର୍ଥାତ୍ ଯୀଶୁ ଖ୍ରୀଷ୍ଟ ଥିଲେ । ସୁତରାଂ ତୁଳନାତ୍ମକ ରୂପେ ଏହା ସୁନିଶ୍ଚିତ ଯେ, ଏହି ଇସମାଇଲି ଗୋଷ୍ଠୀ ବା ମୁସଲମାନ୍ ସଂପ୍ରଦାୟର ମସିହ୍ ମଉଦଙ୍କ ମଧ୍ୟ ଚତୁର୍ଦ୍ଦଶ ଶତାବ୍ଦୀର ଶୀର୍ଷରେ ଆବିର୍ଭାବ ଘଟିବ । ଏହା ବ୍ୟତୀତ ଏହଲେ କଶଫ୍ (ସ୍ୱପ୍ନ ଦ୍ରଷ୍ଟାକାରୀ)ମାନେ ଏହି ଶତାବ୍ଦୀକୁ ବେସତେ ମସିହଙ୍କ ଯୁଗ ରୂପେ ଅଭିହିତ କରିଛନ୍ତି । ଯେପରି ହଜ଼ରତ୍ ଶାହ୍ ୱଲିଉଲ୍ଲାଃ ସାହେବ୍ ଆଦିଙ୍କ ପରି ମୁସଲେହ୍ ଅର୍ଥାତ୍ ସଂସ୍କରକ ମହାପୁରଷମାନଙ୍କର ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ଆବିର୍ଭାବ ସଂପର୍କରେ ଏକମତ ହୋଇସାରିଛନ୍ତି ଯେ, ଅଲାମାତେ ଶୁଗରା ଅର୍ଥାତ୍ କ୍ଷୁଦ୍ର ନିଦର୍ଶନର ସମଷ୍ଟି ଏବଂ ଅଲାମାତେ କୁବରା

ଅର୍ଥାତ୍ ବୃହତ୍ ନିଦର୍ଶନ ପରି ନିଦର୍ଶନ ଏକ ଦୃଷ୍ଟିକୋଣରୁ ପୂର୍ଣ୍ଣ ହୋଇଯାଇଛି । ସେ ଯାହା ହେଉ ନା କାହିଁକି ହଜ଼ରତ୍ ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରନ୍ତି ଯେ, ମସିହ୍ ମଉଦ୍ ଅ.ସଙ୍କ ଆଗମନ ବା ଆବିର୍ଭାବ ସଂପର୍କିତ ସମସ୍ତ ନିଦର୍ଶନ ପୂର୍ଣ୍ଣ ହୋଇ ଯାଇଛି । ଆଗମନକାରୀ ମସିହ୍ ମଉଦଙ୍କ ନିଦର୍ଶନ ସଂପର୍କରେ ଆଲୋକପାତ କରି ହୁଜ୍ଜୁର୍ ଅ.ସ ବର୍ଣ୍ଣନା କରନ୍ତି ଯେ, ଆଗମନକାରୀ ମସିହ୍ ମଉଦ୍ ଅ.ସଙ୍କ ଏକ ନିଦର୍ଶନ ଏହା ଯେ, ଏହି ଯୁଗରେ ରମଜ଼ାନ ମାସରେ କୁସୁଫ୍ ଖୁସୁଫ୍ ଅର୍ଥାତ୍ ସୂର୍ଯ୍ୟ ଗ୍ରହଣ ଏବଂ ଚନ୍ଦ୍ର ପରାଗ ପରି ଘଟଣା ଘଟିବ । ହୁଜ୍ଜୁର୍ ଅ.ସ ବର୍ଣ୍ଣନା କରନ୍ତି ଯେ, ସୂର୍ଯ୍ୟ ଗ୍ରହଣ ଏବଂ ଚନ୍ଦ୍ର ପରାଗ ସେହି ପ୍ରତିଶୃତ ମସିହଙ୍କର ଦାବି କରିବା ପରେ ଏହି ଘଟଣାଟି ଘଟିବା ଏଭଳି ଏକ ଘଟଣା ଯାହାକି ଆରୋପ ଏବଂ ଆକାର ଦୃଷ୍ଟିକୋଣରୁ ଅସମ୍ଭବ ଥିଲା । ଏହା ପୂର୍ବରୁ ଏପରି କୌଣସି ଗ୍ରହଣ ଏବଂ ପରାଗ ସୂର୍ଯ୍ୟ ଓ ଚନ୍ଦ୍ରକୁ ଲାଗି ନାହିଁ । ଏହା ଏପରି ଏକ ନିଦର୍ଶନ ଯଦ୍ୱାରା ଅଲ୍ଲାଃତାଲଙ୍କୁ ସମଗ୍ର ପୃଥିବୀରେ ଆଗମନକାରୀର ଉଦଘୋଷଣା କରିବାର ଥିଲା । ସୁତରାଂ ଆରବବାସୀ ମଧ୍ୟ ଏହି ନିଦର୍ଶନକୁ ଦେଖି ନିଜର ପରିହାସ ଅନୁଯାୟୀ ସଠିକ୍ ବୋଲି କହିଲେ । ହଜ଼ରତ୍ ମସିହ୍ ମଉଦ୍ ଅ.ସ କହନ୍ତି ଯେ, ଆମର ବିଜ୍ଞପ୍ତି ଉଦଘୋଷଣାକାରୀ ରୂପେ ଯେଉଁ ଯେଉଁଠି ପହଞ୍ଚିପାରୁ ନଥିଲା ସେଠାରେ ସେତେବେଳେ ଏହି ସୂର୍ଯ୍ୟ ଓ ଚନ୍ଦ୍ର ହିଁ ଆଗମନକାରୀ ସଂପର୍କରେ ଉଦଘୋଷଣା କଲେ । ଅତଃ ଏ ହେଉଛି ଈଶ୍ୱରଙ୍କର ନିଦର୍ଶନ ଯାହାକି ମନୁଷ୍ୟର ଯୋଜନାଗୁଡ଼ିକ ଠାରୁ ସଂପୂର୍ଣ୍ଣ ରୂପେ ପବିତ୍ର ଏବଂ ସ୍ୱତନ୍ତ୍ର ଥିଲା । ରସୁଲ୍ କରୀମ୍ ସ.ଅ ଏହା ମଧ୍ୟ କହିଲେ ଯେ, ଆଦମ ଅ.ସଙ୍କ ଠାରୁ ଆରମ୍ଭ କରି ଏହି ମସିହର ଆଗମନ ପର୍ଯ୍ୟନ୍ତ ଏମିତି କୌଣସି ଘଟଣା ଘଟି ନାହିଁ । ଯଦି କୌଣସି ବ୍ୟକ୍ତି ଏହା ପ୍ରମାଣିତ କରି ଦେଖାଇ ଦିଏ ତେବେ ଆମ୍ଭ (ଅର୍ଥାତ୍ ହଜ଼ରତ୍ ମସିହ୍ ମଉଦ୍ ଅ.ସ) ସ୍ୱୀକାର କରି ନେବୁ ।

ପୁନଶ୍ଚ ହୁଜ୍ଜୁର୍ ଅ.ସ ବର୍ଣ୍ଣନା କରନ୍ତି ଯେ, ଅନ୍ୟ ଏକ ନିଦର୍ଶନ ହେଉଛି ଯେ, ସେ ସମୟରେ ଅର୍ଥାତ୍ ହଜ଼ରତ୍ ମସିହ୍ ଅ.ସଙ୍କ ସମୟରେ ଜୁସ୍ ସିନ୍ନୈନ୍ ନାମକ ତାରକାର ଉଦୟ ହେବ । ଅର୍ଥାତ୍ ସେହି ତାରକା ଯାହାକି ହଜ଼ରତ୍ ଯୀଶୁ ଖ୍ରୀଷ୍ଟଙ୍କ ସମୟରେ ଉଦିତ ହୋଇଥିଲା । ବର୍ତ୍ତମାନ ସେହି ତାରକାଟି ମଧ୍ୟ ଉଦିତ ହୋଇଗଲା । ସେହିପରି କୁରଆନ୍ ଶରୀଫରେ ମଧ୍ୟ ଉଲ୍ଲିଖିତ ଥିବାର ଦେଖିବାକୁ ମିଳେ ଯେ, **ୱଇଜ଼ଲ୍ ଇଶାରୁ ଉତ୍ତିଲତ୍ । ୱଇଜ଼ଲ୍ ଉହୁଶୁ ହୁଶିରତ୍ । ୱଇଜ଼ଲ୍ ବିହାରୁ ସୁଜ୍ଜିରତ୍ । ୱଇଜ଼ନ୍ ନୁଫୁସୁ ଜ୍ଜୁୱିଜତ୍ । ୱଇଜ଼ଲ୍ ମଉଦତୁ ସୁଇଲତ୍ । ବି ଅୟୟି ଜ଼ନବିନ୍ କୁତିଲତ୍ । ୱଇଜ୍ ସୁହୁଫୁ ନୁଶିରତ୍ । (ଅତ୍ ତକ୍ ୱିର: ୨-୭)** *ଅର୍ଥାତ୍ ଯେତେବେଳେ ସୂର୍ଯ୍ୟ କିରଣକୁ ଗୁଡ଼ାଇ ଦିଆଯିବ, ଏବଂ ଯେତେବେଳେ ନକ୍ଷତ୍ରମାନେ ମଳିନ ପଡ଼ିଯିବେ, ଏବଂ ଯେତେବେଳେ ପର୍ବତମାନଙ୍କୁ ଚାଳିତ କରା ହେବ, ଏବଂ ଯେତେବେଳେ ଦଶମାସର ଗର୍ଭଧାରିଣୀ ଓଟମାନଙ୍କୁ ପରିତ୍ୟାଗ କରାହେବ, ଏବଂ ଯେତେବେଳେ ବନ୍ୟ ପ୍ରାଣୀମାନଙ୍କୁ ଏକତ୍ରିତ କରାହେବ, ଏବଂ ଯେତେବେଳେ ନଦୀଗୁଡ଼ିକ ଅର୍ଥାତ୍ ସେଗୁଡ଼ିକର ଜଳକୁ ପ୍ରବାହିତ କରାଇ ଅନ୍ୟ ନଦୀ ବା କେନାଲ୍ ସହିତ ମିଶାଇ ଦିଆଯିବ, ଏବଂ ଯେତେବେଳେ ବିଭିନ୍ନ ଲୋକଙ୍କୁ ଏକତ୍ରିତ କରାହେବ, ଏବଂ ଯେତେବେଳେ ଜୀବନ୍ତ ପୋତି ଦିଆଯାଉଥିବା କନ୍ୟା ବିଷୟରେ ପ୍ରଶ୍ନ କରାହେବ ଯେ, କେଉଁ ଅପରାଧ ଯୋଗୁଁ ତାହାକୁ ବଧ କରାଯାଇଥିଲା ? ଏବଂ ଯେତେବେଳେ ପୁସ୍ତକଗୁଡ଼ିକର ପ୍ରସାରଣ ହେବ । ଅର୍ଥାତ୍ ବହୁଳ ଭାବରେ ମୁଦ୍ରଣାଳୟ ସ୍ଥାପିତ ହେବ ।*

ଉପରୋକ୍ତରେ ବର୍ଣ୍ଣିତ ସମସ୍ତ ଆୟତ ଗୁଡ଼ିକ କୁରଆନ୍ କରୀମର ଗୋଟିଏ ଗୋଟିଏ ଭବିଷ୍ୟବାଣୀ । କାରଣ ବନ୍ୟପ୍ରାଣୀମାନଙ୍କୁ ଏକତ୍ରିତ କରାଯିବାର ବ୍ୟାଖ୍ୟା ହେଲା ଯେ, ଚିଡ଼ିଆ ଖାନାଗୁଡ଼ିକର ପ୍ରତିଷ୍ଠା ହୋଇଗଲା । ଶିକ୍ଷା ସର୍ବସାଧାରଣରେ ଗୃହୀତ ହୋଇ ସଂସାରରେ ବିସ୍ତାରିତ ହୋଇଗଲା । କେତେକ ସ୍ଥାନୀୟ ଲୋକମାନଙ୍କୁ କେତେକ ସଂପ୍ରଦାୟମାନେ ଆକ୍ରମଣ କରି ସେମାନଙ୍କର ମୂଳୋତ୍ପାଟନ କଲେ । ପୁନଶ୍ଚ ନଦୀ ଓ ସମୁଦ୍ରକୁ ପ୍ରବାହିତ କରି ସେମନାଙ୍କୁ ନଦୀ ବା ସମୁଦ୍ର ସହିତ ମିଶା ଯିବାର ଭବିଷ୍ୟବାଣୀ ମଧ୍ୟ କୁରଆନ୍ କରୀମରେ ଉଲ୍ଲେଖ ରହିଛି । ସେତେବେଳେ ନାରୀ ଉପରେ ଯେଉଁ ଅତ୍ୟାଚାର ହେଉଥିଲା ତାହାର ପ୍ରତିବାଦରେ ସେ ପ୍ରଶ୍ନ କରିବ ଯେ, କେଉଁ କାରଣ ହେତୁ ମୋତେ ବଧ କରାଯାଉଅଛି । ପୁସ୍ତକଗୁଡ଼ୁକର ସଂପ୍ରସାରଣ କରାହେବ । ଅର୍ଥାତ୍ ସମ୍ବାଦ, ଗଣମାଧ୍ୟମର ବହୁଳ ଭାବରେ ପ୍ରସାର ଘଟିବ । ସୁତରାଂ ଉପରୋକ୍ତ ସମସ୍ତ କଥା ଏହା ପ୍ରମାଣିତ କରୁଛି ଯେ, ଏହି ଯୁଗଟି ମସିହ୍ ମଉଦ୍ ଅ.ସଙ୍କର ଯୁଗ ଅଟେ ଏବଂ କୁରଆନ୍ କରୀମରେ ତତସଂପର୍କିତ ଭବିଷ୍ୟବାଣୀର ଉଲ୍ଲେଖ ମଧ୍ୟ ରହିଛି ।

ପୁନଶ୍ଚ ଅତିରିକ୍ତ ବା ଅବଶିଷ୍ଟ ନିଦର୍ଶନ ସଂପର୍କରେ ହଜ଼ରତ୍ ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରନ୍ତି ଯେ, ବିଭିନ୍ନ ପ୍ରକାରର ବିପଦର ଆଗମନ ହେବେ ଏବଂ ଅତ୍ୟଧିକ ଦୁର୍ଘଟଣା ଘଟିବ । ଆକାଶୀୟ ବିପତ୍ତି ଦୁର୍ଭିକ୍ଷ, ପ୍ଲେଗ୍ ଏବଂ ହଇଜାର ରୂପ ଧାରଣ କଲା । ପ୍ଲେଗ୍ ଏପରି ଏକ ମାରାତ୍ମକ ରୋଗ ବା ଈଶ୍ୱରୀୟ କୋପ ଯିଏକି ଇଂରେଜ ସରକାରଙ୍କୁ ମଧ୍ୟ ପ୍ରକମ୍ପିତ କରି ଦେଇଥିଲା ଏବଂ ଭୟାବହ ପ୍ରଳୟ ଆଣି ଦେଇଥିଲା । ତେଣୁ ମାମୁର୍ ମିନଲ୍ଲାଃଙ୍କ (ଅର୍ଥାତ୍ ଈଶ୍ୱରଙ୍କ ତରଫରୁ ଆଦେଶିତ ବା ନିଯୁକ୍ତ ନବୀ) ନିମନ୍ତେ ଏହା ଉଦ୍ଦିଷ୍ଟ ଯେ, ସେ ନିଜର ସତ୍ୟତା ପ୍ରଦର୍ଶନ ପାଇଁ ଆକାଶୀୟ ନିଦର୍ଶନକୁ ପ୍ରମାଣ ସ୍ୱରୂପ ଲୋକଙ୍କ ଆଗରେ ଉପସ୍ଥାପିତ କରୁ । ହଜୁର୍ ଅ.ସ କହିଲେ ଯେ, ଲେଖରାମର ନିଦର୍ଶନ କ'ଣ କମ୍ ଥିଲେ ଯେ, ତା ସାଙ୍ଗରେ ତ' ତାର ସଂହାର ସ୍ୱରୂପ ଗୋଟିଏ ସର୍ତ୍ତ ଯୋଡ଼ି ହୋଇ ରହିଥିଲା । ପୁଣି ଏପରି ଏକ ଘଟଣା ଘଟିଲା ଯେପରି କୁହାଯାଏ ଯେ, ଏହାର ଏପରି ଅନ୍ୟ କୌଣସି ନଜ଼ୀର୍ (ଦୃଷ୍ଟାନ୍ତ) ରହିଛି କି ? ପୁନଶ୍ଚ ଧର୍ମ ମହୋତ୍ସବ ସଂପର୍କରେ ମଧ୍ୟ ଅଲ୍ଲାଃତାଲା ଅନେକ ଦିନ ଆଗରୁ ଆମ୍ଭକୁ (ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କୁ) ସୂଚନା ଦେଇଥିଲେ ଯେ, ଆମ୍ଭର ଲେଖା ସମସ୍ତଙ୍କ ଲେଖା ଉପରେ ଶ୍ରେଷ୍ଠତା ଲାଭ କରିବ । ତେଣୁ ଯେଉଁ ଲୋକମାନେ ଏହି ମହାନ୍ ଏବଂ ଭବ୍ୟ ନିଦର୍ଶନକୁ ଦେଖିଛନ୍ତି ସେମାନେ ସ୍ୱୟଂ ଚିନ୍ତା କରିପାରିବେ ଯେ, ଏପରି ଜଲସାରେ ଜୟଯୁକ୍ତ ହେବାର ଭବିଷ୍ୟବାଣୀ ସମୟ ପୂର୍ବରୁ କରିବା କୌଣସି ଅନୁମାନ ଏବଂ କଳ୍ପନା ନଥିଲା । ବରଂ ଐଶ୍ୱରୀୟ ହାତ ରହିଥିଲା । ପୁନଶ୍ଚ ତାହା ହିଁ ଘଟିଲା ଯାହାକି ପୂର୍ବରୁ କୁହାଯାଇଥିଲା ଯେ, ଅଲ୍ଲାଃତାଲା ଆମ୍ଭକୁ ଅନ୍ୟ ବ୍ୟକ୍ତିଙ୍କ ଲେଖନୀ ତୁଳନାରେ ଜୟଯୁକ୍ତ କରାଇବେ ଏବଂ ଲୋକମାନେ ଏହି ଲେଖନୀ ସଂପର୍କେର ପ୍ରତିକ୍ରିୟା ମଧ୍ୟ ଦେଇଥିଲେ ଯେ, ବାସ୍ତବରେ ତାଙ୍କର ଲେଖନୀ ସର୍ବୋତ୍କୃଷ୍ଟ ଅଟେ ।

ପୁନଶ୍ଚ ହଜ଼ରତ୍ ମସିହ୍ ମଉଦ୍ ଅ.ସ ମାମୁର୍ ଇଲାହି (ଈଶ୍ୱରଙ୍କ ତରଫରୁ ଆଦେଶିତ) ହେବାର ପ୍ରମାଣ ଦର୍ଶାଇ କହନ୍ତି ଯେ, ବର୍ତ୍ତମାନ ମୋର ମାମୁର୍ ହେବାର ଅନେକ ପ୍ରମାଣମାନ ରହିଛି । ସର୍ବପ୍ରଥମ (୧) ପ୍ରମାଣ ହେଲା ଅନ୍ତଃ ପ୍ରମାଣ (୨) ବାହ୍ୟିକ ପ୍ରମାଣ (୩) ଶତାବ୍ଦୀର ଶୀର୍ଷରେ ଆଗମନକାରୀ ସଂସ୍କାରକ ସଂପର୍କରେ ହଦୀସେ ସହୀରେ ପ୍ରମାଣ ଦେଖିବାକୁ ମିଳେ (୪) ଇନ୍ନା ନହନୁ ନଜ୍ଜ ଲନଜ୍ ଜ଼ିକ୍ରା ୱ ଇନ୍ନା ଲହୁ ଲହାଫିଜୁନ୍‌ର ସୁରକ୍ଷାର ପ୍ରତିଶୃତି (୫) ବଳିଷ୍ଠ ପ୍ରମାଣ ମୁଁ ଉପସ୍ଥାପିତ କରିଦେଉଛି ଏବଂ ତାହା ହେଉଛି ଯେ, ସୁରା ନୁରର ଆୟାତେ ଇସ୍ତିଖ୍-ଲାଫ୍ ହେଲା **ୱାଆଦଲ୍ଲାଃହୁଲ୍ ଲଜ଼ିନା ଆମନୁ ମିନ୍ କୁମ୍ ୱ ଅମିଲୁସ୍ ସାଲିହାତି ଲୟସ୍ତଖ୍ ଲିଫନ୍ନହୁମ୍ ଫିଲ୍ ଅର୍ଜେ କମସ୍ ତଖ୍-ଲଫଲ୍ ଲଜ଼ିନା ମିନ୍ କ଼ବ୍-ଲିହିମ୍** ।

ଉପରୋକ୍ତ ଆୟତରେ ଖିଲାଫତର ପ୍ରତିଶୃତି ଅନୁଯାୟୀ ଆଁହଜ଼ରତ୍ ସ.ଅଙ୍କ ସଂପ୍ରଦାୟରେ ଯେଉଁ ବ୍ୟକ୍ତିମାନେ ଖଲିଫା ହେବେ ସେମାନେ ପୂର୍ବ ଖଲିଫାଙ୍କ ପରି ହେବେ । ସେହିପରି କୁରଆନ୍ ଶରୀଫରେ ଆଁହଜ଼ରତ୍ ସ.ଅଙ୍କୁ ହଜ଼ରତ୍ ମୁସା ଅ.ସଙ୍କ ପରି ସାଦୃଶ୍ୟତା ରଖୁଥିବେ ବୋଲି କୁହାଯାଇଛି । ଯେପରି ଅଲ୍ଲାଃତାଲା କୁରଆନ୍ କରୀମରେ ବର୍ଣ୍ଣନା କରନ୍ତି ଯେ, ***ଇନ୍ନା ଅରସଲ୍ ନା ଇଲୈକୁମ୍ ରସୁଲନ୍ ଶାହିଦନ୍ ଅଲୈକୁମ୍ କମା ଅର୍ସଲ୍ ନା ଇଲା ଫିର୍-ଔନା ରସୁଲା /*** **(ସୁରେ ମୁଜ଼ମ୍ମିଲ୍-୧୭)** ଅର୍ଥାତ୍ ହେ ଲୋକମାନେ ! ଆମ୍ଭେ ତୁମମାନଙ୍କ ନିକଟକୁଏପରି ଜଣେ ରସୁଲଙ୍କୁ ପ୍ରେରଣ କରିଅଛୁ ଯେ କି ତୁମମାନଙ୍କର ତତ୍ତ୍ୱାବଧାରକ ଅଟନ୍ତି, ଯେପରି ଆମ୍ଭେ ଫିରଔନ୍ ନିକଟକୁ ରସୁଲ୍ ପ୍ରେରଣ କରିଥିଲୁ । ଏହି ସାଦୃଶ୍ୟତାରେ ଯେପରି ***କମା*** ଶବ୍ଦ ବ୍ୟବହାର ହୋଇଛି ଛିକ୍ ସେହିପରି ସୁରା ନୁର୍.ରେ ***କମା*** ଶବ୍ଦର ବ୍ୟବହାର ହୋଇଛି ଯାହାକି ସ୍ପଷ୍ଟ ରୂପେ ଏହା ପ୍ରମାଣ କରେ ଯେ, ମୁସୱି ସିଲସିଲା ଏବଂ ମହମ୍ମଦି ସିଲସିଲାରେ ପୂର୍ଣ୍ଣ ସାଦୃଶ୍ୟତା ଏବଂ ତୁଳନାତ୍ମକତା ପରିଲକ୍ଷିତ ହେଉଅଛି । ସୁତରାଂ ମୁସୱି ସିଲସିଲାର ଖଲିଫାଙ୍କ ଆଗମନର ପରିସମାପ୍ତି ହଜ଼ରତ୍ ଇସା ଅ.ସଙ୍କ ଆଗମନ ଦ୍ୱାରା ହିଁ ପରିସମାପ୍ତ ହୋଇ ଯାଇଥିଲା ଏବଂ ହଜ଼ରତ୍ ମୁସା ଅ.ସଙ୍କ ପରେ ଚତୁର୍ଦ୍ଦଶ ସତାବ୍ଦୀରେ ତାଙ୍କର ଆବିର୍ଭାବ ହୋଇଥିଲା । ଏହି ସାଦୃଶ୍ୟତା ଅନୁଯାୟୀ ଅନ୍ୟୁନ ଏହା ଆବଶ୍ୟକୀୟ ଯେ, ଚତୁର୍ଦ୍ଦଶ ଶତାବ୍ଦୀରେ ହଜ଼ରତ୍ ମହମ୍ମଦ୍ ସ.ଅଙ୍କ ପରେ ଛିକ୍ ଚତୁର୍ଦ୍ଦଶ ଶତାବ୍ଦୀରେ ଏହି ମହମ୍ମଦି ସିଲସିଲାରେ ମଧ୍ୟ ଜଣେ ଇସା ବା ମସିହ୍ ଅ.ସ ଆବିର୍ଭାବ ହେବା ଉଚିତ୍ ଯେକି ମୁସୱି ସିଲସିଲାର ମସିହ୍ ଅ.ସଙ୍କ ସହିତ ସାଦୃଶ୍ୟତା ରଖୁଥିବେ ଏବଂ ତାଙ୍କର ପଦାଙ୍କ ଅନୁସରଣ କରୁଥିବେ ।

ହୁଜୁର୍ ଅନୱର୍ ଅ.ବ କହିଲେ ଯେ, ବର୍ତ୍ତମାନ ମୁଁ ନିୟୁଜ଼ିଲ୍ୟାଣ୍ଡରେ ଘଟିଥିବା ଘଟଣା ସଂପର୍କରେ କିଛି  କହିବାକୁ ଚାହେଁ । ଗତ ଶୁକ୍ରବାରରେ ଏହି ଘଟଣା ସଂପର୍କରେ ମୁଁ କିଛି କହି ଥାଆନ୍ତି କିନ୍ତୁ ତାହା ମୋ ମସ୍ତିଷ୍କରୁ ଲିଭି ଯାଇଥିଲା । ସେ ଯାହା ହେଉ ନା

କାହିଁକି ଏହି ଘଟଣା ପରେ ମୁଁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ ପାଇଁ ଆଦେଶ ଦେଇଥିଲି ଏବଂ ଜମାଅତ୍ ତରଫରୁ ଏହି ଘଟଣାର ନିନ୍ଦା ଏବଂ ଶୋକ ବ୍ୟକ୍ତ କରାଯାଇଥିଲା । ଏହି ଘଟଣାରେ ଅନେକ ନିରୀହ ଲୋକମାନେ, ଛୋଟ ପିଲାମାନେ ଧାର୍ମିକ ଏବଂ ସାଂପ୍ରଦାୟିକତା କାରଣ ଯୋଗୁଁ ବଳି ପଡ଼ିଥିଲେ ଏବଂ ପ୍ରାଣ ହରାଇଥିଲେ ତଥା ବୀରଗତି ପ୍ରାପ୍ତ କରିଥିଲେ । ଅଲ୍ଲାଃତାଲା ସେହି ସମସ୍ତ ବୀରଗତି ପ୍ରାପ୍ତ କରିଥିବା ଲୋକମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ଏବଂ ତାଙ୍କର ବନ୍ଧୁ ଓ ପରିବାରଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ । (ଆମିନ୍) । ଇତ୍ୟବସରରେ କେତେକ କଥା ମଧ୍ୟ ସାମ୍ନାକୁ ଆସିଥିଲା ଯେ, ନ୍ୟୁଜ଼ିଲ୍ୟାଣ୍ଡ ସରକାର ବିଶେଷ କରି ପ୍ରଧାନମନ୍ତ୍ରୀ ଯେଉଁ ସର୍ବୋଚ୍ଚ ଆଚରଣ ପ୍ରଦର୍ଶନ କରିଛନ୍ତି ଏବଂ ସରକାରର ନିଜର କର୍ମ ସଂପାଦନ କରିଛନ୍ତି ତାହା ନିଜ ଭିତରେ ଏକ ଆଦର୍ଶ ସୃଷ୍ଟି କରିଛି । ତେଣୁ ମୁସଲମାନମାନେ ମଧ୍ୟ ଉକ୍ତ ସରାକରଙ୍କ ଠାରୁ ଶିକ୍ଷା ନିଅନ୍ତୁ ଓ ଧାର୍ମିକ ସାଂପ୍ରାଦାୟିକତାକୁ ମୂଳୋତ୍ପାଟନ କରି ନିଜର ଭୂମିକାକୁ ପ୍ରତିପାଦିତ କରନ୍ତୁ । ସେଠିକାର ଜନତାମାନେ ମଧ୍ୟ ସଂପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ଅଲ୍ଲାଃତାଲା ସେମାନଙ୍କର ପୁଣ୍ୟକୁ ଗ୍ରହଣ କରି ସେମାନଙ୍କୁ ସତ୍ୟ ଏବଂ ସଠିକ୍ ମାର୍ଗରେ ପରିଚାଳିତ ହେବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍

ସେଠାରେ ମସଜିଦ୍‌ରେ ଯେଉଁ ଲୋକମାନେ ଉପସ୍ଥିତ ଥିଲେ ତନ୍ମଧ୍ୟରୁ ଜଣେ ମହିଳାଙ୍କର ଦୂରଦର୍ଶନରେ ଇଣ୍ଟରଭ୍ୟୁ ଆସୁଥିଲା । ସେ ଆସାଧାରଣ ଧୈର୍ଯ୍ୟ ଏବଂ ସାହସର ପରିଚୟ ପ୍ରଦାନ କରିଛନ୍ତି । ତାଙ୍କର ସ୍ୱାମୀ ଓ ତାଙ୍କର ୨୧ ବର୍ଷୀୟ ପୁତ୍ର ମଧ୍ୟ ଏହି ଘଟଣାରେ ବଳୀ ପଡ଼ିଥିଲେ । ସେମାନେ ଲୋକଙ୍କୁ ସାହାଯ୍ୟ କରୁଥିବା ଅବସ୍ଥାରେ ନିଜର ପ୍ରାଣ ଉତ୍ସର୍ଗ କରିଥିଲେ । ସେ ଯାହା ହେଉ ନା କାହିଁକି ସେମାନେ ପୁଣ୍ୟ ପ୍ରାପ୍ତି ଉଦ୍ଦେଶ୍ୟରେ ଏବଂ ପ୍ରାଣବଳୀ ଦେଇଥିଲେ । ଅଲ୍ଲାଃତାଲା ସେମାନଙ୍କ ସହିତ ଦୟାର ବ୍ୟବହାର ପ୍ରଦର୍ଶନ କରନ୍ତୁ । ସୁତାରାଂ ଏହି ଘଟଣାଟି ଅତ୍ୟନ୍ତ ଦୁଃଖଦାୟକ ଅଟେ । ସେଠାକାର ମୁସଲମାନମାନେ ଧୈର୍ଯ୍ୟ ଏବଂ ସାହସର ନମୁନା ପ୍ରଦର୍ଶନ କରିଛନ୍ତି ଏବଂ ଏହି ଧୈର୍ଯ୍ୟ ଏବଂ ସାହସର ନମୁନା ଜଣେ ସଚ୍ଚା ମୁସଲମାନମାନଙ୍କ ଠାରୁ ଆଶା କରାଯାଇ ପାରେ । କିନ୍ତୁ କେତେକ ଚରମ ପନ୍ଥୀ ଗୋଷ୍ଠୀମାନେ ଏହା ଘୋଷଣା କରିଛନ୍ତି ଯେ, ଆମେମାନେ ନିଶ୍ଚୟ ଏହାର ପ୍ରତିଶୋଧ ନେବୁ । ଏପରି କରିବାଟା ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ ହେବ । କାରଣ ଏଭଳି କଲେ ବର୍ଷ ବର୍ଷ ଧରି ଶତ୍ରୁତା ଏବଂ ଗୃହଯୁଦ୍ଧ ଲାଗି ରହିବ । ଅଲ୍ଲାଃତାଲା କରନ୍ତୁ ଯେ, ଇସଲାମ୍ ଧର୍ମରେ ଯେଉଁ ଚରମପନ୍ଥୀ ଗୋଷ୍ଠୀଗୁଡ଼ିକ ରହିଛି ସେଗୁଡ଼ିକର ମୂଳୋତ୍ପାଟନ ହେଉ ଏବଂ ଇସଲାମର ପ୍ରକୃତ ଏବଂ ସୌନ୍ଦର୍ଯ୍ୟମୟ ଶିକ୍ଷା ବିଶ୍ୱରେ ପ୍ରଭାବ ପ୍ରସାରିତ ବା ବିସ୍ତାର ଲାଭ କରୁ ଓ ଅଲ୍ଲାଃତାଲା ମୁସଲମାନମାନଙ୍କୁ ମଧ୍ୟ ଏହି ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ,ସେମାନଙ୍କ ମଧ୍ୟରୁ ଅନେକାଂଶ ନୁହେଁ ବରଂ ସମଗ୍ର ମୁସଲମାନମାନେ ଯୁଗର ପ୍ରବର୍ତ୍ତକ ଇମାମ୍ ଅ.ସଙ୍କୁ ସ୍ୱୀକାର କରନ୍ତୁ । କାରଣ ଏହି  ଶାନ୍ତି, ଏକତା ଦ୍ୱାରା ହିଁ ପୁନର୍ବାର ପୃଥିବୀ ପୃଷ୍ଠରେ ଇସଲାମର ପ୍ରକୃତ ଶିକ୍ଷା ଏବଂ ସୌନ୍ଦର୍ଯ୍ୟମୟ ଶିକ୍ଷାର ପ୍ରଚାର ପ୍ରସାର କରାଯାଇ ପାରିବ । ଆମିନ୍

ହୁଜୁର୍ ଅନୱର୍ ଅ.ବ କହିଲେ ଯେ, ଏହା ବ୍ୟତୀତ ମୁଁ କେତେକ ନମାଜ୍ ଜନାଯାଃ ଗାଏବ୍ ମଧ୍ୟ ପଢାଇବି । ପ୍ରଥମ ଜ଼ନାଯାଃ ହେଲା ମୌଲାନା ଖୁରଶିଦ୍ ଅହମଦ୍ ଅନୱର ସାହେବ୍ ଯିଏକି କ୍ୱାଦିୟାନେରେ ତେହରିକ୍ ଜଦିଦ୍-ର ୱକିଲୁଲ୍ ମାଲ୍ ଥିଲେ । ଗତ କିଛି ଦିନ ତଳେ ମାର୍ଚ୍ଚ ମାସ ୧୯ ତାରିଖରେ ୭୩ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । **ଇନ୍ନା ଲିଲ୍ଲାଃହି ଓ ଇନ୍ନା ଇଲୈହି ରାଜିଉନ୍** । ଅଲ୍ଲାଃତାଲାଙ୍କ କୃପାରୁ ସେ ମୁସୀ ଥିଲେ । ସେ ଦୀର୍ଘକାଳ ଧରି କର୍କଟ ଅର୍ଥାତ୍ କ୍ୟାନସର୍ ରୋଗରେ ପୀଡ଼ିତ ଥିଲେ । କିନ୍ତୁ ଅତ୍ୟନ୍ତ ଧୈର୍ଯ୍ୟ, ସହନଶୀଳ ଏବଂ ସାହସର ସହିତ ସେ ସେହି ରୋଗର ମୁକାବିଲା କରିଥିଲେ । ଭୟଙ୍କର, ମାରାତ୍ମକ ରୋଗ ଏବଂ ଦୁର୍ବଳତା ସତ୍ତ୍ୱେ ସେ ନିଜର କର୍ମରେ କେବେହେଲେ ଅବହେଳା କରି ନାହାନ୍ତି ।  ସେ ନିୟମିତ ରୂପେ କାର୍ଯ୍ୟାଳୟକୁ ଆସୁଥିଲେ । ସେ କେବଳ ନିଜର ୱକ୍‌ଫକୁ ବା ଉତ୍ସର୍ଗୀକୃତ ପ୍ରତିଜ୍ଞାକୁ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସୁଚାରୁ ରୂପେ ଏବଂ ଯଥା ସମ୍ଭବ ତୁଳାଇବା ପାଇଁ ଚେଷ୍ଟା କରି ନଥିଲେ । ବରଂ ଯେପରି ୱକ୍‌ଫ୍-ର ଉତ୍ସର୍ଗୀକୃତ ପ୍ରତିଜ୍ଞା ରହିଛି ତାହାର ଅଧିକାରକୁ ସେହିପରିଭାବେ ସେ ଅକ୍ଷୁର୍ଣ୍ଣ ରଖିଥିଲେ ।

ତାଙ୍କର ଭ୍ରାଇଁ ଖାଲିଦ୍ ଅହମଦ୍ ଆଲାଦିନ୍ ସାହେବ୍ ତାଙ୍କ ସଂପର୍କରେ ଉଲ୍ଲେଖ କରନ୍ତି ଯେ, ଯେତେବେଳେ ମୁଁ ତାଙ୍କୁ ବିଶ୍ରାମ ପାଇଁ କହୁଥିଲି ସେତବେଳେ ସେ କହୁଥିଲେ ଯେ, ଧର୍ମର ସେବା କରୁ କରୁ ମୋର ପ୍ରାଣ ବାୟୁ ଉଡ଼ିଯାଉ ଏବଂ ମୁଁ ଈଶ୍ୱରଙ୍କ

ନିକଟରେ ଉପସ୍ଥିତ ହୋଇଯିବି । ସୁତରାଂ ସେହି ପ୍ରତିଜ୍ଞାକୁ ସେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ପାଳନ କରିଥିଲେ । ସେ ଅତ୍ୟନ୍ତ ଆଜ୍ଞାନୁବର୍ତ୍ତୀତା, ପରିଶ୍ରମୀ, କର୍ମଠ ଏବଂ ସଚ୍ଚୋଟ୍ ବ୍ୟକ୍ତି ଥିଲେ । ଆର୍ଥିକ ବିଷୟରେ ସେ ଗଭୀର ଦୃଷ୍ଟି ରଖୁଥିଲେ । ଯେତେବେଳେ ତାଙ୍କୁ ୱକିଲୁଲ୍ ମାଲ୍ ପଦବୀରେ ଅଧ୍ୟୁଷିତ କରାଗଲା ସେତେବେଳେ ତେହରିକେ ଜଦିଦ୍-ର ବଜେଟ୍ କେବଳ କିଛି ଲକ୍ଷରେ ହିଁ ସିମୀତ ଥିଲା । ଯାହାକି ବର୍ତ୍ତମାନ ଅଲ୍ଲାଃତାଲାଙ୍କ କୃପାରୁ ଏକ କୋଟିରୁ ଉର୍ଦ୍ଧ୍ୱ ହେବ । ଅଲ୍ଲାଃତାଲା ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିମାନଙ୍କୁ ମଧ୍ୟ ତାଙ୍କର ପୁଣ୍ୟକୁ ଜାରି ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍

ପରବର୍ତ୍ତୀ ଜନାଯାଃ ହେଉଛି ତାହେର୍ ହୁସୈନ୍ ମୁନଶୀ ସାହେବ୍ । ଅମୀର୍ ଫିଜ଼ିଙ୍କର ଯିଏକି ନାଏବ୍ ଅମୀର୍ ଥିଲେ । ମାର୍ଚ୍ଚ ମାସ ୫ ତାରିଖ ଦିନ ୭୨ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍ ।** ସେ ଫିଜ଼ି ଜମାଅତର ଜଣେ ଅନୁଭବୀ ସେବକ ଥିଲେ । ଦୀର୍ଘକାଳ ଧରି ତାଙ୍କୁ ଫିଜ଼ି ଜମାଅତର ନାଏବ୍ ଅମୀର୍ ରୂପେ ସେବା କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ସେ ପୁଣ୍ୟମୟ ବ୍ୟକ୍ତି ଥିଲେ, ପ୍ରାର୍ଥନାକାରୀ ବ୍ୟକ୍ତି ଏବଂ ସତ୍ୟ ନିଷ୍ଠ ବ୍ୟକ୍ତି ଥିଲେ, ବଚନ ରକ୍ଷାକାରୀ ପରି ଅନେକ ସୁଗୁଣର ଅଧିକାରୀ ଥିଲେ । ଖିଲାଫତ୍ ସହିତ ତାଙ୍କର ଗଭୀର ବିଶ୍ୱସ୍ତତାର ସଂପର୍କ ଥିଲା । ସେ ସର୍ବଦା ଅନ୍ୟମାନଙ୍କୁ ମଧ୍ୟ ଖିଲାଫତ୍ ପ୍ରତି ଆଜ୍ଞନୁବର୍ତ୍ତୀତା ପ୍ରତି ପ୍ରେରିତ କରୁଥିଲେ । ସେ ସର୍ବଦା ନିଜର ସର୍ବୋଚ୍ଚ ଆଦର୍ଶର ପରିଚୟ ମଧ୍ୟ ପ୍ରଦାନ କରୁଥିଲେ । ଯେତେବେଳେ ତାଙ୍କୁ କୌଣସି କଥାର ବିବାଦ ସଂପର୍କରେ ଏହା ସୂଚନା ପ୍ରାପ୍ତ ହେଉଥିଲା ଯେ, ଖଲିଫତୁଲ୍ ମସିହ୍ ଅ.ସଙ୍କର ରାଏ ଏ ସଂପର୍କରେ ସଠିକ୍ ଅଟେ । ତେବେ ସେ ଯଥାଶୀଘ୍ର ନିଜର ମତ ବା ରାଏକୁ ପରିବର୍ତ୍ତନ କରି ଦେଉଥିଲେ ।

ତୃତୀୟ ଯନାଜ଼ାଃ ହେଲା ମୁସା ସିସ୍କୋ ସାହେବ୍ । ଯିଏକି ମାଲି ଦେଶର ଅଧିବାସୀ ଥିଲେ । ତାଙ୍କର ଦେହାନ୍ତ ଫେବୃୟାରୀ ମାସ ୧୫ ତାରିଖ ଦିନ ହୋଇଥିଲା । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍ ।** ୨୦୧୨ମସିହା ନଭେମ୍ବର ମାସରେ ସେ ଅହମଦିୟତ୍ ଗ୍ରହଣ କରିଥିଲେ । ୨୦୧୩ ମସିହାରେ ତାଙ୍କୁ ୱସ୍କାସୋ ସହରରେ ଜମାଅତର ରେଡ଼ିଓ ଷ୍ଟେସନର ଶୁଭାରମ୍ଭ ଅବସରରେ ଡ଼ାଇରେକ୍ଟର ବା ନିର୍ଦ୍ଦେଶକ ରୂପେ ଏବଂ ସେହି ବର୍ଷ ସଦର୍ ଜମାଅତ ଅର୍ଥାତ୍ ସଭାପତି ରୂପେ ସେ ନିଯୁକ୍ତ ହୋଇଥିଲେ । ରେଡ଼ିଓ ଷ୍ଟେସନ ସ୍ଥାପନ ପରେ ତାଙ୍କୁ ସେଠାରେ ଅସାଧାରଣ ରୂପେ ବିରୋଧ ପ୍ରଦର୍ଶନର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେହି ସମୟରେ ସେ ଅତ୍ୟନ୍ତ ଧୈର୍ଯ୍ୟ, ସାହସ ଏବଂ ଚତୁରତାର ନମୁନା ପ୍ରଦର୍ଶନ କରି ଉକ୍ତ ଉତ୍କଟ ପରିସ୍ଥିତିର ମୁକାବିଲା ବା ସମ୍ମୁଖୀନ କରିବା ସଙ୍ଗେ ସଙ୍ଗେ ସମସ୍ୟାର ସମାଧାନ ମଧ୍ୟ କରିଥିଲେ । ବୈଅତ୍ ବା ଦୀକ୍ଷା ଗ୍ରହଣ ପରେପରେ ସେ ନିଜକୁ ସଂପୂର୍ଣ୍ଣ ରୂପେ ଜମାଅତ୍ ପାଇଁ ଉତ୍ସର୍ଗ କରି ଦେଇଥିଲେ । ନମାଜ୍ ବାଜମାଅତ୍ ଅର୍ଥାତ୍ ସାମୂହିକ ନମାଜ୍ ବ୍ୟତୀତ ସେ ନିୟମିତ ରୂପେ ନମାଜ୍ରେ ତେହଜ୍ଜୁଦ୍ ମଧ୍ୟ ପାଠ କରୁଥିଲେ । ସେ ଅତ୍ୟନ୍ତ ନୀତିନିଷ୍ଠ ଏବଂ ନିଷ୍ଠାବାନ୍, କର୍ମଠ ଏବଂ ବିଶ୍ୱସ୍ତ ବ୍ୟକ୍ତି ଥିଲେ । ସେ ଖିଲାଫତ୍-କୁ ଆସାଧାରଣ ରୂପେ ଅଧିକ ଭଲ ପାଉଥିଲେ । ସେ ଖିଲାଫତ୍-ର ପ୍ରତ୍ୟେକ ତେହରିକକୁ ଲବୈଇକ୍ କହୁଥିଲେ ।

ଅଲ୍ଲାଃତାଲା ଉପରୋକ୍ତ ସମସ୍ତ ବ୍ୟକ୍ତିଙ୍କର ଆତ୍ମାକୁ ସଦଗତି ପ୍ରଦାନ କରନ୍ତୁ ଏବଂ ସ୍ୱର୍ଗାଲୋକରେ ସେମାନଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ସନ୍ତାନସନ୍ତତିମାନଙ୍କୁ ମଧ୍ୟ ପୁଣ୍ୟ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । (ଆମିନ୍)

**KHULASA KHUTBA JUMA HUZOOR ANWAR a.b.a**

**.......................................................**

**22th March 2019**

**...........................**